# NATIONAL NEWS BULLETIN (ODIA)

## 08th January - 2025

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀ ଆଜିଠାରୁ ଆରମ୍ଭ ହେଲା ଭୁବନେଶ୍ୱରରେ ।

— ଆସନ୍ତାକାଲି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆସନ୍ତାକାଲିଠାରୁ ମେଘାଳୟ ଓ ଓଡ଼ିଶା ଗସ୍ତ ଆରମ୍ଭ ।

- ଭାରତ-ମାଳଦ୍ୱୀପ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଭାଗିଦାରୀ ବଜାୟ ରଖିବା ଦିଗରେ କାର୍ଯ୍ୟ କରିବା ଲାଗି ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଲେ ଦୁଇ ଦେଶ ।

- ‘ଏକ ଦେଶ : ଏକ ନିର୍ବାଚନ’ ସମ୍ପର୍କିତ ଦୁଇଟିଯାକ ବିଲ୍ ଉପରେ ବିଚାରବିମର୍ଶ ଲାଗି ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହେଲା ଜେ.ପି.ସି.ର ପ୍ରଥମ ବୈଠକ ।

ଏବଂ

- ମାଲେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଖେଳାଳି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ।

## ପ୍ରବାସୀ ଭାରତୀୟ ସମ୍ମିଳନୀ

ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀ ଆଜିଠାରୁ ଓଡ଼ିଶାର ଭୁବନେଶ୍ୱରଠାରେ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବୀୟଙ୍କ ଉପସ୍ଥିତିରେ ଏହି ସମ୍ମିଳନୀ ଆରମ୍ଭ ହୋଇଛି ।

ଆସନ୍ତାକାଲି ସମ୍ମିଳନୀର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ । ଏଥିଲାଗି ଶ୍ରୀ ମୋଦି ଆଜି ରାତିରେ ଭୁବନେଶ୍ୱରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି । ଏଥିସହିତ ଶ୍ରୀ ମୋଦି ଥିମ୍ ପାଭିଲିୟନ୍‌କୁ ଉଦ୍‌ଘାଟନ କରିବେ । ଏହାଛଡ଼ା ପ୍ରଧାନମନ୍ତ୍ରୀ

ଦେଶର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ବୁଲିବା ଲାଗି ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ । ଅପରାହ୍ଣ ଅଧିବେଶନରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରବାସୀ ଭାରତୀୟଙ୍କ ସହିତ ବିକଶିତ ଭାରତ-୨୦୪୭ ସମ୍ପର୍କରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ତିନିଦିନିଆ ସମ୍ମିଳନୀରେ ଉଦ୍‌ଯାପନୀ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ଏହି ସମ୍ମିଳନୀରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରୁ ବହୁସଂଖ୍ୟାରେ ପ୍ରବାସୀ ଭାରତୀୟମାନେ ଯୋଗ ଦେଇଛନ୍ତି । ଆଜିର ଅଧିବେଶନରେ ଓଡ଼ିଶା ସରକାରଙ୍କ ପକ୍ଷରୁ 'ଓଡ଼ିଶା ଏକ ପର୍ଯ୍ୟାପ୍ତ ସୁଯୋଗର ଗନ୍ତାଘର' ଏବଂ ଦେଶର ଲୁକ୍କାୟିତ ପ୍ରତିଭା ସମ୍ପର୍କରେ ଆଲୋଚନା କରାଯାଇଛି ।

## ପି.ଏମ୍. - ଆନ୍ଧ୍ରପ୍ରଦେଶ-ଓଡ଼ିଶା

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଆଜି ଆନ୍ଧ୍ରପ୍ରଦେଶ ଗସ୍ତ କରି ଏଇ କିଛି ସମୟ ପୂର୍ବରୁ  ବିଶାଖାପାଟଣାଠାରେ ଆଭାସୀ ମାଧ୍ୟମରେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ନିରନ୍ତର ବିକାଶ, ଶିଳ୍ପ ଅଭିବୃଦ୍ଧି ଏବଂ ଭିତ୍ତିଭୂମି ବିକାଶ ସଂପର୍କିତ ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ପୁଡ଼ିମାଡ଼ାକାଠାରେ ୧ ଲକ୍ଷ ୮୫ ହଜାର କୋଟି ଟଙ୍କାର ଅତ୍ୟାଧୁନିକ ଗ୍ରୀନ୍ ହାଇଡ୍ରୋଜେନ୍ ହବ୍, ୨୦ ଗିଗାୱାଟ୍ ଅକ୍ଷୟଶକ୍ତି

କ୍ଷମତା ସମ୍ପନ୍ନ ଦେଢ଼ ହଜାର ଟି.ପି.ଡି. ଗ୍ରୀନ୍ ହାଇଡ୍ରୋଜେନ ଏବଂ ଗ୍ରୀନ୍ ମିଥାନଲ୍, ଗ୍ରୀନ୍ ୟୁରିଆ ଏବଂ ନିରନ୍ତର ବିମାନ ଇନ୍ଧନ ଭଳି ପ୍ରକଳ୍ପ ଅନ୍ତର୍ଭୁକ୍ତ । ବିଶାଖାପାଟଣାଠାରେ ଆଜି ସନ୍ଧ୍ୟାରେ ପହଞ୍ଚି ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏବଂ ଉପମୁଖ୍ୟମନ୍ତ୍ରୀ ପଓ୍ଵନ୍ କଲ୍ୟାଣଙ୍କ ସହ ଏକ ରୋଡ୍‌ଶୋ'ରେ ଯୋଗ ଦେଇଥିଲେ । ପରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଇଞ୍ଜିନିୟରିଂ ପଡ଼ିଆରେ ସାଧାରଣ ସଭାକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଆନ୍ଧ୍ରପ୍ରଦେଶ ହେଉଛି ସମ୍ଭାବନା ଓ ସୁଯୋଗର ରାଜ୍ୟ । ରାଜ୍ୟର ଏହି ସମ୍ଭାବନା ଓ ସୁଯୋଗ ସାକାର ହେଲେ ଆନ୍ଧ୍ରପ୍ରଦେଶ ସମେତ ସମଗ୍ର ଦେଶ ବିକଶିତ ହୋଇପାରିବ । ଆନ୍ଧ୍ରପ୍ରଦେଶର ବିକାଶ କରିବା ଉପରେ ପ୍ରାଥମିକତା ଦେଇ କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି । ଆଜି ଲୋକାର୍ପଣ ଓ ଶିଳାନ୍ୟାସ ହୋଇଥିବା ଜନକଲ୍ୟାଣକାରୀ ପ୍ରକଳ୍ପଗୁଡ଼ିକ ଆଗାମୀ ଦିନରେ ଆନ୍ଧ୍ରପ୍ରଦେଶକୁ ବିକାଶର ଏକ ନୂତନ ଶିଖରରେ ପହଞ୍ଚାଇବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ମତବ୍ୟକ୍ତ କରିଛନ୍ତି ।

## ପ୍ରେଜ୍ - ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠାରୁ ମେଘାଳୟ ଓ ଓଡ଼ିଶା ଗସ୍ତ କରିବେ । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ମେଘାଳୟର ଉମିଆନ୍‌ସ୍ଥିତ ଉତ୍ତର-ପୂର୍ବ ପାର୍ବତ୍ୟାଞ୍ଚଳ ଭାରତୀୟ କୃଷି ଗବେଷଣା ପରିଷଦର ସୁବର୍ଣ୍ଣ

ଜୟନ୍ତୀ ସମାରୋହରେ ଉଦ୍‌ବୋଧନ ଦେବେ । ପରେ ଶ୍ରୀମତୀ ମୁର୍ମୁ ଆସନ୍ତା ୧୦ ତାରିଖ ଦିନ ଓଡ଼ିଶାର ଭୁବନେଶ୍ୱରଠାରେ ଆଜିଠାରୁ ଆରମ୍ଭ ହୋଇଥିବା ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମାରୋହର ଉଦ୍‌ଯାପନୀ ଅଧିବେଶନରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହାଛଡ଼ା ରାଷ୍ଟ୍ରପତି ଏହି ସମାରୋହରେ ପ୍ରବାସୀ ଭାରତୀୟ ସମ୍ମାନ ପୁରସ୍କାର ବିତରଣ କରିବେ ।

## ରାଜନାଥ - ମଳାଦ୍ୱୀପ

ଭାରତ-ମାଲଦ୍ୱୀପ ମଧ୍ୟରେ ସମନ୍ୱିତ ଅର୍ଥନୈତିକ ଓ ବାଣିଜ୍ୟିକ ନିରାପତ୍ତା ଭାଗିଦାରୀ ବଜାୟ ରଖିବା ଦିଗରେ କାର୍ଯ୍ୟ କରିବା ଲାଗି ଦୁଇ ଦେଶ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ଆଜି ନୂଆଦିଲ୍ଲୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ତାଙ୍କର ମାଲଦ୍ୱୀପ ପ୍ରତିପକ୍ଷ ମହମ୍ମଦ ଘସାନ ମାଉମୁନ୍ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କରିଥିବା ଦ୍ୱିପକ୍ଷୀୟ ଆଲୋଚନାରୁ ଏହି ସୂଚନା ମିଳିଛି । ଏହି ଅବସରରେ ଦୁଇ ଦେଶର ପ୍ରତିରକ୍ଷା ମନ୍ତ୍ରୀ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ, ପ୍ରଶିକ୍ଷଣ, ନିୟମିତ ସାମରିକ ଅଭ୍ୟାସ ଏବଂ ବିଭିନ୍ନ ପ୍ରତିରକ୍ଷା ପ୍ରକଳ୍ପରେ ଦ୍ୱିପକ୍ଷୀୟ ସହଯୋଗର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି ।

ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ଏ ସଂକ୍ରାନ୍ତରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଆଜିର ଆଲୋଚନା ଫଳପ୍ରଦ ହୋଇଛି । ଏହା ଭାରତ-

ମାଲଦ୍ୱୀପ ସମ୍ପର୍କକୁ ଏକ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ଏହି ଅବସରରେ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗକୁ ଅଧିକ ସଶକ୍ତ କରିବା ସହିତ ଏ ସମ୍ପର୍କିତ ବିଭିନ୍ନ ସମସ୍ୟାର ସମାଧାନ ଉପରେ ଆଲୋଚନା କରାଯାଇଛି । ଏଥିସହିତ ମାଲଦ୍ୱୀପ ଜାତୀୟ ପ୍ରତିରକ୍ଷା ବାହିନୀର ସାମର୍ଥ୍ୟକୁ ବୃଦ୍ଧି କରିବା ଦିଗରେ ଭାରତ ପୁର୍ଣ୍ଣ ସହଯୋଗ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ପ୍ରତିଶ୍ରୁତି ଦେଇଛନ୍ତି । ମାଲଦ୍ୱୀପ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ମାଉମୁନ୍ ବିଭିନ୍ନ କ୍ଷେତ୍ରରେ ତାଙ୍କ ଦେଶକୁ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ କରିବା ଲାଗି ଭାରତର ଐତିହାସିକ ଭୂମିକାକୁ ପ୍ରଶଂସା କରିଛନ୍ତି ।

ଏଠାରେ ସୂଚନାଯୋଗ୍ୟ, ମାଲଦ୍ୱୀପର ପ୍ରତିରକ୍ଷା ମନ୍ତ୍ରୀ ବର୍ତ୍ତମାନ ଏକ ତିନିଦିନିଆ ଭାରତ ଗସ୍ତରେ ଅଛନ୍ତି । ଏହି ଗସ୍ତ ଅବସରରେ ସେ ଗୋଆ ଓ ମୁମ୍ବାଇ ମଧ୍ୟ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ଭାରତ ଓ ମାଲଦ୍ୱୀପ ମଧ୍ୟରେ ଐତିହାସିକ, ଭାଷାଗତ ତଥା ଆଧ୍ୟାତ୍ମିକ ସମ୍ପର୍କ ରହିଆସିଛି । ସେହିଭଳି ଭାରତ ମହାସାଗରୀୟ ଅଞ୍ଚଳରେ ସ୍ଥିରତା ଓ ସମୃଦ୍ଧି ବଜାୟ ରଖିବା ଉଦ୍ଦେଶ୍ୟରେ ଭାରତର 'ପଡ଼ୋଶୀ ପ୍ରଥମ ନୀତି'ରେ ମାଲଦ୍ୱୀପକୁ ଏକ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି । ଏହି ଅଞ୍ଚଳରେ ସୁରକ୍ଷା ବଜାୟ ରଖିବା ଦିଗରେ ଦୁଇ ଦେଶ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ।

# ଜେ.ପି.ସି. - ୱାନ୍ ନେସନ ୱାନ୍ ଇଲେକ୍ସନ

‘ଏକ ଦେଶ : ଏକ ନିର୍ବାଚନ’ ସମ୍ପର୍କିତ ଦୁଇଟିଯାକ ବିଲ୍ ଉପରେ ବିଚାରବିମର୍ଶ ଲାଗି ଆଜି ନୂଆଦିଲ୍ଲୀରେ ଯୁଗ୍ମ ସଂସଦୀୟ କମିଟି - ଜେ.ପି.ସି.ର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବିଲ୍‌ଗୁଡ଼ିକ ହେଲା - ସମ୍ବିଧାନ (୧୨୯ତମ ସଂଶୋଧନ) ବିଲ୍-୨୦୨୪ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଇନ (ସଂଶୋଧନ) ବିଲ୍-୨୦୨୪ । ଏହି ବୈଠକ ଅବସରରେ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ପ୍ରତିନିଧିମାନେ ଜେ.ପି.ସି.ର ସଦସ୍ୟମାନଙ୍କୁ ଏହି ପ୍ରସ୍ତାବିତ ଆଇନର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ । ଗଣମାଧ୍ୟମକୁ ସୂଚନା ଦେଇ କମିଟିର ଅଧ୍ୟକ୍ଷ ତଥା ବିଜେପି ସାଂସଦ ପି.ପି. ଚୌଧୁରୀ କହିଛନ୍ତି, କମିଟି ପକ୍ଷରୁ ଏ ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳ, ସମାଜର ବିଭିନ୍ନ ବର୍ଗ, ଆଇନ ବିଶେଷଜ୍ଞ ଏବଂ ଅନ୍ୟ ଅଂଶୀଦାରଙ୍କଠାରୁ ମତାମତ ଗ୍ରହଣ କରାଯିବ । ଏହାପରେ କମିଟିର ସମସ୍ତ ସଦସ୍ୟଙ୍କୁ ନେଇ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରାଯିବା ସହ ଆବଶ୍ୟକ ପଦକ୍ଷେପ ନିଆଯିବ । ୩୯ ଜଣିଆ କମିଟିରେ ଲୋକସଭାର ୨୭ ଜଣ ଏବଂ ରାଜ୍ୟସଭାର ୧୨ ଜଣ ସଦସ୍ୟ ରହିଛନ୍ତି ।

# ରିପବ୍ଲିକ୍ ଡେ କ୍ୟାମ୍ପ୍

ବାୟୁସେନା ମୁଖ୍ୟ ଅମରଜିତ୍ ସିଂହ ଆଜି ନୂଆଦିଲ୍ଲୀରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ - ଏନ୍.ସି.ସି.ର ଗଣତନ୍ତ୍ର ଦିବସ ଶିବିର-୨୦୨୫କୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଉଦ୍‌ବୋଦନ ଦେଇ ଶ୍ରୀ ସିଂହ କହିଛନ୍ତି, ଦେଶକୁ ଏକତ୍ରିତ କରି ରଖିବା ଦିଗରେ ଏନ୍.ସି.ସି.ର କାର୍ଯ୍ୟ ସର୍ବଦା ପ୍ରଶଂସନୀୟ । ଦେଶଗଠନ ଲାଗି ଏନ୍.ସି.ସି.ରେ ସାମିଲ୍ ହୋଇଥିବା ଯୁବବର୍ଗଙ୍କ ଉଦ୍ୟମ ନିମନ୍ତେ ସେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହି ଅବସରରେ ଦେଶକୁ ଅଭିବୃଦ୍ଧି ଦିଗରେ ଆଗେଇ ନେବା ଲାଗି କିଶୋର ତଥା ଯୁବବର୍ଗ ଏନ୍.ସି.ସି.ରେ ସାମିଲ୍ ହେବା ଲାଗି ଶ୍ରୀ ସିଂହ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ନିଃସ୍ୱାର୍ଥପର ସେବା, ନେତୃତ୍ୱ ନେବାର ପ୍ରଚେଷ୍ଟା, ଦେଶଭକ୍ତି ଏବଂ ଶୃଙ୍ଖଳା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କ୍ୟାଡେଟ୍‌ମାନେ ଉତ୍ତମ ପ୍ରଶିକ୍ଷିତ । ଏନ୍.ସି.ସି. କ୍ୟାଡେଟ୍‌ମାନଙ୍କୁ ତାଲିମ୍ ମାଧ୍ୟମରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ଭାରତୀୟ ବାୟୁସେନା ସର୍ବଦା ପ୍ରସ୍ତୁତ ବୋଲି ଶ୍ରୀ ସିଂହ ପ୍ରତିଶ୍ରୁତି ଦେଇଛନ୍ତି ।

## ଆକାଶବାଣୀ ଡିଡି ସଙ୍ଗ୍ସ

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଆକାଶବାଣୀ ଓ ଦୂରଦର୍ଶନର ମହାକୁମ୍ଭ-୨୦୨୫ ଲାଗି ଉଦ୍ଦିଷ୍ଟ ସ୍ୱତନ୍ତ୍ର ସଙ୍ଗୀତର ଲୋକାର୍ପଣ କରିଛନ୍ତି । ଏହି ମହାକୁମ୍ଭ ଆସନ୍ତା ୧୩ ତାରିଖ ଠାରୁ ଫେବୃୟାରୀ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ଲୋକାର୍ପଣ ସମାରୋହରେ ପ୍ରସାର ଭାରତୀର ଅଧ୍ୟକ୍ଷ ନବନୀତ କୁମାର ସେହଗାଲ୍, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ଦ୍ୱିବେଦୀ, ଦୂରଦର୍ଶନର ମହାନିର୍ଦ୍ଦେଶକ କାଞ୍ଚନ ପ୍ରସାଦ ଏବଂ ଆକାଶବାଣୀର ମହାନିର୍ଦ୍ଦେଶକ ପ୍ରଜ୍ଞା ପାଲିଓ୍ୱାଲ୍ ଗୌର ପ୍ରମୁଖ ଉପସ୍ଥିତ ଥିଲେ ।

## ମାଲେସିଆ - ବ୍ୟାଡ୍‌ମିଣ୍ଟନ

ମାଲେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍‌ସ ବର୍ଗରେ ଭାରତୀୟ ଖେଳାଳି ଏଚ୍.ଏସ୍. ପ୍ରଣୟ ପ୍ରି-କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । କ୍ୱାଲାଲମ୍ପୁରଠାରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ଗତକାଲି ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ମ୍ୟାଚ୍‌ରେ ପ୍ରଣୟ କାନାଡ଼ାର ବ୍ରିଆନ୍ ୟାଙ୍ଗ୍’ଙ୍କୁ ୨୧-୧୨, ୧୭-୨୧ ଓ ୨୧-୧୫ ସେଟ୍‌ରେ ପରାସ୍ତ

କରିଛନ୍ତି । ଆସନ୍ତାକାଲି ପ୍ରି-କ୍ୱାର୍ଟର ଫାଇନାଲ୍ ମ୍ୟାଚରେ ସେ ଚୀନ୍‌ର ସି-ଫେଙ୍ଗ୍ ଲି'ଙ୍କୁ ଭେଟିବେ ।

ମହିଳା ସିଙ୍ଗଲ୍‌ସ୍ ବର୍ଗରେ ଭାରତର ମାଳବିକା ବଂଶୋଦ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ରାଉଣ୍ଡ୍‌ରେ ପହଞ୍ଚିଛନ୍ତି । ମାଳବିକା ମାଲେସିଆର ଜିନ୍ ୱି ଗୋହ୍'ଙ୍କୁ ଆଜି ୨୧-୧୫ ଓ ୨୧-୧୬ ସେଟ୍‌ରେ ସିଧାସଳଖ ପରାସ୍ତ କରିଛନ୍ତି ।

ସେହିଭଳି ମିକ୍ସଡ୍ ଡବଲ୍‌ସ୍ ବର୍ଗରେ ଭାରତର ଧ୍ରୁବ କପିଳ ଓ ତାନିଷା କ୍ରାଷ୍ଟୋ ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି । ଏହି ଭାରତୀୟ ଯୋଡ଼ି ଦକ୍ଷିଣ କୋରିଆର ସୁଙ୍ଗ୍-ହ୍ୟୁଁ-କୋ ଏବଂ ହେ-ଓନ୍-ୟୋମ୍ ଯୋଡ଼ିକୁ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡ୍‌ରେ ୨୧-୧୩, ୨୧-୧୪ ସେଟ୍‌ରେ ପରାସ୍ତ କରିଛନ୍ତି । ଆସନ୍ତାକାଲି ଏହି ଭାରତୀୟ ଯୋଡ଼ିର ଚୀନ୍‌ର ଚି-ଝାଙ୍ଗ୍ ଓ ଷିଙ୍ଗ୍-ଚେଙ୍ଗ୍ ଯୋଡ଼ି ସହିତ ମୁକାବିଲା ହେବ ।

ଭାରତର ଅନ୍ୟ ଏକ ଯୋଡ଼ି ଆଧା ଭାରିୟାଥ୍ ଓ ସତିଶ କରୁଣାକରନ୍ ମିକ୍ସଡ୍ ଡବଲ୍‌ସ ବର୍ଗର ପ୍ରି-କ୍ୱାର୍ଟର ଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି । ଏହି ଯୋଡ଼ି ଅମୃତା ପ୍ରମୁଥେସ୍ ଓ ଆଶିତ୍ ସୂର୍ଯ୍ୟା'ଙ୍କ ଯୋଡ଼ିକୁ ୨୧-୧୩, ୨୧-୧୫ରେ ପରାସ୍ତ କରିଛନ୍ତି ।

ମହିଳା ଡବଲ୍‌ସ ବର୍ଗରେ ଭାରତର ଋତୁପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡା ଟୁର୍ଣ୍ଣାମେଣ୍ଟ୍‌ରୁ ବିଦାୟ ନେଇଛନ୍ତି । ଏହି ଭାରତୀୟ ଯୋଡ଼ି ଥାଇଲାଣ୍ଡର ବେନିୟାପା ଏମ୍‌ସାର୍ଦ ଓ ନୁନ୍ତାକର୍ଣ୍ଣ ଏମ୍‌ସାର୍ଦ ଯୋଡ଼ିଠାରୁ ୧୭-୨୧, ୧୦-୨୧ ସେଟ୍‌ରେ ହାରି ଯାଇଛନ୍ତି ।

# ଆସାମ ରେସ୍କ୍ୟୁ ଅପରେସନ

ଆସାମର ଦିମାହାସାଓ ଜିଲ୍ଲାର ଓମ୍ରାଙ୍ଗ୍ସୋ କୋଇଲାଖଣିରୁ ୨୧ ଜଣ ପାରା-ଡାଇଭର୍ ଅଟକି ରହିଥିବା ଜଣେ ଶ୍ରମିକଙ୍କ ମୃତଦେହକୁ ଉଦ୍ଧାର କରଛନ୍ତି । ଏହି ମୃତ ଶ୍ରମିକ ଜଣକ ନେପାଳ ଗଙ୍ଗା ବାହାଦୁର ଶ୍ରେଷ୍ଠା ବୋଲି ଚିହ୍ନଟ ହୋଇଛି । ଅନ୍ୟ ଶ୍ରମିକମାନଙ୍କୁ ଏହି ବନ୍ୟାପ୍ଲାବିତ କୋଇଲା ଖଣିରୁ ଉଦ୍ଧାର କରିବା ଲାଗି ସେନା, ନୌବାହିନୀ, ଏନ୍.ଡି.ଆର୍.ଏଫ୍. ଓ ଏସ୍.ଡି.ଆର୍.ଏଫ୍. ଯବାନମାନେ ପ୍ରୟାସ ଜାରି ରଖିଛନ୍ତି ।

*****